# REGIONAL NEWS UNIT, AIR CUTTACK

## Mid-day Bulletin (2.32PM)

### 09 January – 2026

*********************************

## ମୁଖ୍ୟ ସମ୍ବାଦ

- ବିଶ୍ୱରେ ଭାରତୀୟ ସଂସ୍କୃତିକୁ ଲୋକପ୍ରିୟ କରିବାରେ ପ୍ରବାସୀ ଭାରତୀୟମାନେ ରାଷ୍ଟ୍ରଦୂତ ଭଳି କାର୍ଯ୍ୟ କରୁଛନ୍ତି; କହିଲେ ପ୍ରଧାନମନ୍ତ୍ରୀ
- ଶିଳ୍ପାୟନ ପାଇଁ ଦକ୍ଷ ପ୍ରତିଭାଙ୍କର ଆବଶ୍ୟକତା ଉପରେ ମୁଖ୍ୟମନ୍ତ୍ରୀଙ୍କ ଗୁରୁତ୍ୱାରୋପ

— ୨୪ ଲକ୍ଷ ରୋଜଗାର ସୃଷ୍ଟି ପାଇଁ ଲକ୍ଷ୍ୟ ରଖିଛନ୍ତି ରାଜ୍ୟ ସରକାର

- ଚଳିତମାସରେ ୧୦ ଲକ୍ଷ ଲୋକଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ପକ୍‌କା ଘର ଯୋଗାଇଦେବେ ରାଜ୍ୟ ସରକାର

ଏବଂ

- ଉତ୍ତର-ପଶ୍ଚିମ ଦିଗରୁ ରାଜ୍ୟକୁ ଥଣ୍ଡା ପବନ ବହୁଥିବାରୁ ଅଧିକାଂଶ ସ୍ଥାନରେ ଜାରି ରହିଛି ଶୀତ ଲହରୀ

# ପ୍ରବାସୀ ଭାରତୀୟ ଦିବସ

ଆତ୍ମନିର୍ଭର ଭାରତ ଗଠନରେ ପ୍ରବାସୀ ଭାରତୀୟଙ୍କର ଅବଦାନକୁ ସ୍ମରଣ କରିବା ପାଇଁ ଆଜି ପ୍ରବାସୀ ଭାରତୀୟ ଦିବସ ପାଳନ କରାଯାଉଛି । ପ୍ରବାସୀ ଭାରତୀୟମାନେ ଦେଶର ଆର୍ଥିକ ଓ ସାମାଜିକ ସ୍ଥିତିକୁ ମହତ୍ତ୍ୱପୂର୍ଣ୍ଣ ଅବଦାନ କରିଥାନ୍ତି । ସେମାନଙ୍କର ଅବଦାନକୁ ସମ୍ମାନ ଜଣାଇ ୨୦୦୩ ମସିହାଠାରୁ ପ୍ରତ୍ୟେକ ବର୍ଷ ଏବଂ ୨୦୧୫ ମସିହାଠାରୁ ପ୍ରତି ୨ ବର୍ଷରେ ଥରେ ପ୍ରବାସୀ ଭାରତୀୟ ଦିବସ ପାଳନ କରାଯାଉଛି । ୧୯୧୫ ମସିହାରେ ମହାତ୍ମା ଗାନ୍ଧୀ ଦକ୍ଷିଣ ଆଫ୍ରିକାରୁ ଭାରତକୁ ପ୍ରତ୍ୟାବର୍ତ୍ତନ କରିଥିବାରୁ ଏହି ଦିବସ ପାଳନର ବିଶେଷ ମହତ୍ତ୍ୱ ରହିଛି ।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ପ୍ରବାସୀ ଭାରତୀୟ ଦିବସ ଅବସରରେ ଶୁଭେଚ୍ଛା ଜଣାଇଛନ୍ତି । ସାମାଜିକ ଗଣମାଧମ ପୋଷ୍ଟରେ ଶ୍ରୀ ମୋଦୀ କହିଛନ୍ତି ପ୍ରବାସୀ ଭାରତୀୟ ହେଉଛନ୍ତି ଭାରତ ଏବଂ ବିଶ୍ୱ ମଧ୍ୟରେ ଦୃଢ଼ ସମ୍ପର୍କର ସେତୁ । ସେ କହିଛନ୍ତି ବିଦେଶରେ ବାସ କରୁଥିବା ଭାରତୀୟମାନେ ଭାରତୀୟ ସଂସ୍କୃତିକୁ ସେଠାରେ ଦୃଢ଼ଭାବେ ସ୍ଥାନିତ କରିବା ସହ ସେମାନଙ୍କ ଜନ୍ମମାଟି ସହ ଜଡିତ ଅଛନ୍ତି ।

ପ୍ରଧାନମନ୍ତ୍ରୀ କହିଛନ୍ତି ବିଶ୍ୱରେ ଭାରତୀୟ ସଂସ୍କୃତିକୁ ଲୋକପ୍ରିୟ କରାଇବା କ୍ଷେତ୍ରରେ ପ୍ରବାସୀ ଭାରତୀୟମାନେ ରାଷ୍ଟ୍ରଦୂତ ଭଳି କାର୍ଯ୍ୟ

କରୁଛନ୍ତି । ସରକାର ଦେଶର ପ୍ରବାସୀଙ୍କୁ ଭାରତର ନିକଟତର କରିବା ପାଇଁ ଅନେକ ପଦକ୍ଷେପ ନେଇଥିବା ଶ୍ରୀ ମୋଦୀ କହିଛନ୍ତି ।

ପ୍ରବାସୀ ଭାରତୀୟ ଦିବସ ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସମସ୍ତ ପ୍ରବାସୀ ଭାରତୀୟଙ୍କୁ ଶୁଭେଚ୍ଛା ଜ୍ଞାପନ କରିଛନ୍ତି। ଭାରତର ସଂସ୍କୃତି, ଐତିହ୍ୟ ଏବଂ ମୂଲ୍ୟବୋଧକୁ ବିଶ୍ୱ ମଂଚରେ ପ୍ରସାରଣ କରିବା ଦିଗରେ ସେମାନେ ଅଘୋଷିତ ରାଷ୍ଟ୍ରଦୂତ ଭାବରେ କାର୍ଯ୍ୟ କରନ୍ତି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଗତବର୍ଷ ଓଡ଼ିଶା ଆୟୋଜନ କରିଥିବା ପ୍ରବାସୀ ଭାରତୀୟ ଦିବସକୁ ମନେପକାଇ ସେ କହିଛନ୍ତି, ମାତୃଭୂମି ପ୍ରତି ସେମାନଙ୍କ ପ୍ରତିବଦ୍ଧତା ଆମକୁ ସବୁବେଳେ ଅନୁପ୍ରାଣିତ କରୁଥିବ।

## ଓଡ଼ିଶା ସ୍କିଲ୍ସ

ଓଡ଼ିଶାରେ ଶିଳ୍ପାୟନ ପାଇଁ ଦକ୍ଷ ପ୍ରତିଭାଙ୍କର ଆବଶ୍ୟକତା ରହିଛି ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। ରାଜ୍ୟ ଦକ୍ଷତାବିକାଶ ଓ ବୈଷୟିକ ଶିକ୍ଷା ବିଭାଗ ପକ୍ଷରୁ  ଆୟୋଜିତ 'ଓଡ଼ିଶା ସ୍କିଲ୍ସ' ଉତ୍ସବର ଆଜି ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଯୋଗଦେଇ ଶ୍ରୀ ମାଝୀ କହିଛନ୍ତି, ରାଜ୍ୟରେ ଦ୍ରୁତ ଗତିରେ ଶିଳ୍ପାୟନ ହେଉଛି। ସରକାର ୧୮ ଲକ୍ଷ କୋଟି ଟଙ୍କାର ପୁଂଜିନିବେଶ ପ୍ରସ୍ତାବ ବିଭିନ୍ନ ଶିଳ୍ପାନୁଷ୍ଠାଗୁଡ଼ିକରୁ ପାଇଛନ୍ତି। ଶିଳ୍ପାୟନ ଯୋଗୁଁ ରାଜ୍ୟରେ ୨୪ ଲକ୍ଷ ନୂଆ ରୋଜଗାର ସୁଯୋଗ ସୃଷ୍ଟି ହୋଇପାରିବ। ଶିଳ୍ପଭିତ୍ତିକ ଦକ୍ଷ ମାନବସମ୍ବଳ ସୃଷ୍ଟି ପାଇଁ ବିଭିନ୍ନ ଶିକ୍ଷାନୁଷ୍ଠାନଗୁଡ଼କ ଉପ୍ରର

ହେବା ସହିତ ଛାତ୍ରଛାତ୍ରୀମାନେ ଆଗ୍ରହ ପ୍ରକାଶ କରିବା ପାଇଁ ମୁଖ୍ୟମନ୍ତ୍ରୀ ଆହ୍ୱାନ ଦେଇଛନ୍ତି ।

## - V/O -(CM)

## ରେଳସେବା ପୁରସ୍କାର

ରେଳସେବାରେ ଉତ୍ତମ ପରିଚାଳନା, ଦକ୍ଷତା, ରାଜସ୍ୱ ବୃଦ୍ଧି ଆଦି କାର୍ଯ୍ୟରେ ଉତ୍କର୍ଷ ପ୍ରଦର୍ଶନ କରିଥିବା ୧୦୦ଜଣ ଅଧିକାରୀ ଓ କର୍ମଚାରୀଙ୍କୁ ଅତିବିଶିଷ୍ଟ ରେଳସେବା ପୁରସ୍କାର ପ୍ରଦାନ କରାଯିବ । ନୂଆଦିଲ୍ଲୀରେ ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଆଜି ଏହି ପୁରସ୍କାର ପ୍ରଦାନ କରିବେ । କର୍ତ୍ତବ୍ୟ ପ୍ରତି ସମର୍ପଣ, ବୃତ୍ତିଗତ ମନୋଭାବ ଓ ଉଲ୍ଲେଖନୀୟ ସେବା ପ୍ରତି ରେଳବାଇର ପ୍ରତିବଦ୍ଧତାକୁ ଏହି ପୁରସ୍କାର ପ୍ରତିଫଳନ କରିଥାଏ ବୋଲି ରେଳ ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି ।

## ବ୍ରହ୍ମପୁର ମହୋତ୍ସବ

**ଗଞ୍ଜାମ** ଜିଲ୍ଲା ବ୍ରହ୍ମପୁରସ୍ଥିତ ଚର୍ଚ୍ଚ ପଡ଼ିଆଠାରେ ମହାନଗର ସାଂସ୍କୃତିକ ପରିଷଦ ଦ୍ୱାରା ଆୟୋଜିତ ବ୍ରହ୍ମପୁର ମହାନଗର ମହୋତ୍ସବ ଆଜିଠାରୁ ଆରମ୍ଭ ହୋଇ ୧୮ ତାରିଖ ପର୍ଯ୍ୟନ୍ତ ଚାଲିବ । କାର୍ଯ୍ୟକ୍ରମରେ ସାଂସ୍କୃତିକ, ସାହିତ୍ୟ ଏବଂ ହସ୍ତଶିଳ୍ପ, ଲୋକକଳା ଆଦି ବିଭିନ୍ନ କାର୍ଯ୍ୟକ୍ରମମାନ ଆୟୋଜନ କରାଯିବ ବୋଲି ପରିଷଦର ସଭାପତି ଗୋପାଳ ପଟ୍ଟନାୟକ ସୂଚନା ଦେଇଛନ୍ତି । ୧ ହଜାରରୁ ଅଧିକ କବି ଏହି ୧୦ଦିନିଆ

କାର୍ଯ୍ୟକ୍ରମର ସାହିତ୍ୟ ଆସରରେ ଅଂଶ ଗ୍ରହଣ କରିବେ ବୋଲି ଶ୍ରୀ ପଟ୍ଟନାୟକ କହିଛନ୍ତି ।

ଗଞ୍ଜାମ ଜିଲ୍ଲାର ଅନ୍ୟତମ ଲୋକପ୍ରିୟ ଗୋପାଳପୁର ମହୋତ୍ସବ ଆସନ୍ତା ୨୨ରୁ ୨୬ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଏ ସଂକ୍ରାନ୍ତରେ ଗତକାଲି ଏକ ପ୍ରସ୍ତୁତି ବୈଠକ ଜିଲ୍ଲାପାଳ ଭି. କିର୍ତ୍ତି ଭାସନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି।

## ଲୋକଭବନ ଉଦ୍ୟାନ

ଓଡ଼ିଶା ରାଜ୍ୟପାଳଙ୍କ ଆବାସ ଲୋକଭବନର ଉଦ୍ୟାନ ଆସନ୍ତାକାଲିଠାରୁ ୨୦ ତାରିଖ ଅପରାହ୍ଣ ସାଢ଼େ ୨ଟାରୁ ସନ୍ଧ୍ୟା ୬ଟା ୧୫ ପର୍ଯ୍ୟନ୍ତ ସାଧାରଣ ଲୋକଙ୍କ ପରିଦର୍ଶନ ପାଇଁ ଉନ୍ମୁକ୍ତ ରହିବ। କେବଳ ସ୍କୁଲ ଛାତ୍ରଛାତ୍ରୀମାନେ ସକାଳ ସମୟରେ ଉଦ୍ୟାନ ପରିଦର୍ଶନ କରିପାରିବେ। ପରିଦର୍ଶନ ପାଇଁ ଇଚ୍ଛୁକ ବ୍ୟକ୍ତିମାନେ ଲୋକଭବନର ସ୍ୱତନ୍ତ୍ର ମୋବାଇଲ ଆପ୍ କିମ୍ବା ୱେବ୍‌ସାଇଟ୍ lokbhavan.odisha.gov.in ଜରିଆରେ ପ୍ରବେଶ ବୁକିଂ କରିପାରିବେ। ଗୁଗୁଲ ପ୍ଲେ ଷ୍ଟୋରରୁ ଲୋକଭବନ ମୋବାଇଲ୍ ଆପ୍ ଡାଉନ୍‌ଲୋଡ କରାଯାଇପାରିବ। ଏଥିପାଇଁ କୌଣସି ଶୁଳ୍କ ଦେବାକୁ ପଡିବ ନାହିଁ ବୋଲି ଲୋକଭବନ କାର୍ଯ୍ୟାଳୟ ପକ୍ଷରୁ କୁହାଯାଇଛି।

## ବୋମା ଧମକ

ଓଡ଼ିଶା ହାଇକୋର୍ଟ ସମେତ କଟକର ଅନ୍ୟ କୋର୍ଟ ଗୁଡ଼ିକରେ ସୁରକ୍ଷା ବ୍ୟବସ୍ଥା କଡାକଡି କରାଯାଇଛି। ହାଇକୋର୍ଟ ପ୍ରବେଶପଥରେ ମେଟାଲ ଡିଟେକ୍‌ଟର ଲଗାଯିବା ସହିତ ଯାଂଚ କରାଯାଉଛି। ସଶସ୍ତ୍ର ପୋଲିସ୍ କୋର୍ଟ

ପରିସରରେ ମୁତୟନ କରାଯାଇଛି । ଗତକାଲି  କଟକ, ଦେବଗଡ଼ ଏବଂ ସମ୍ବଲପୁରର କୋର୍ଟରେ ବୋମା ଥିବା ନେଇ ଇ-ମେଲ ଜରିଆରେ ସୂଚନା ମିଳିବା ପରେ ସତର୍କତା ପଦକ୍ଷେପ ସ୍ୱରୂପ ସୁରକ୍ଷା ବ୍ୟବସ୍ଥା କଡାକଡି କରାଯାଇଛି ।

## ପିଏମ ଆବାସ

ଚଳିତ ଜାନୁୟାରୀ ମାସରେ ରାଜ୍ୟର ୧୦ ଲକ୍ଷ ଲୋକଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ପକ୍‌କା ଘର ମିଳିବ ବୋଲି ରାଜ୍ୟ ପଂଚାୟତିରାଜ ମନ୍ତ୍ରୀ ରବି ନାରାୟଣ ନାୟକ କହିଛନ୍ତି। ସମୁଦାୟ ୩୭ ଲକ୍ଷ ଆବେଦନକାରୀଙ୍କ ମଧ୍ୟରୁ ୩୪ ଲକ୍ଷ ଲୋକଙ୍କୁ ତାଲିକାଭୁକ୍ତ କରାଯାଇ ସେମାନଙ୍କୁ ଗୃହ ପ୍ରଦାନ କରିବା ପାଇଁ କେନ୍ଦ୍ର ସରକାରଙ୍କୁ ଅନୁରୋଧ କରାଯାଇଥିବା ଶ୍ରୀ ନାୟକ ଆଜି ସୂଚନା ଦେଇଛନ୍ତି । ଏହି ଅବସରରେ ସେ କହିଛନ୍ତି....

**- V/O -(**ରବି ନାରାୟଣ ନାୟକ**)**

## ରଣପୁର ମହୋତ୍ସବ

**ନୟାଗଡ଼** ଜିଲ୍ଲା ରଣପୁର ସହରର ବାଘସାମନ୍ତ ପଡିଆରେ ଅନୁଷ୍ଠିତ ରଣପୁର ମହୋତ୍ସବ 'ଅର୍ଜୁନ'ର ଚତୁର୍ଥ ସନ୍ଧ୍ୟାରେ ଓଡ଼ିଶା ବିଧାନସଭାର ବାଚସ୍ପତି ସୁରମା ପାଢ଼ୀ ଅଧ୍ୟକ୍ଷତା କରିଥିଲେ । ସମାରୋହରେ ମୁଖ୍ୟଅତିଥି ଭାବେ ଭୁବନେଶ୍ୱର ସାଂସଦ ଅପରାଜିତା ଷଡଙ୍ଗୀ ଯୋଗଦେଇ କହିଥିଲେ, 'ମହୋତ୍ସବ ହେଉଛି ସମସ୍ତଙ୍କୁ ଏକତା ସୂତ୍ରରେ ବାନ୍ଧିବାର ଏକ ଅନନ୍ୟ

ମାଧ୍ୟମ’। ଏହାଦ୍ୱାରା ଅଞ୍ଚଳର ବିବିଧତାକୁ ବିଶେଷତାରେ ପରିଣତ କରି ମାତୃଭୂମିର ସେବା ନିମିତ୍ତ ମନରେ ନୂତନ ଭାବନା ଜାଗ୍ରତ ହୋଇଥାଏ। ମନୋରଞ୍ଜନ ଦ୍ୱାରା ସ୍ଥାନୀୟ ଲୋକକଳା, ସଂସ୍କୃତି ଏବଂ ପରମ୍ପରା ଉଦ୍‌ଜୀବିତ ହେବାସହ ଉତ୍ତର ପିଢ଼ି ଏହାକୁ ଗତିମାନ ଧାରାରେ ସମଗ୍ର ବିଶ୍ୱ ସମୁଦାୟ ସମ୍ମୁଖରେ ବିସ୍ତାର କରିବା ପାଇଁ ମାର୍ଗଦର୍ଶନ କରିଥାନ୍ତି। ‘ଅର୍ଜୁନ’ ମହୋତ୍ସବ ସମସ୍ତଙ୍କ ମଧ୍ୟରେ ରାଷ୍ଟ୍ରବାଦର ଭାବନା ଜାଗ୍ରତ କରିବା ସହ ଅଞ୍ଚଳର ବୈଶିଷ୍ଟ୍ୟକୁ ବିଶ୍ୱବିଦିତ କରବା ନେଇ ଅତିଥିମାନେ ଗୁରୁତ୍ୱାରୋପ କରିଥିଲେ। କାର୍ଯ୍ୟକ୍ରମରେ ନୟାଗଡ଼ ବିଧାୟକ ଅରୁଣ କୁମାର ସାହୁ, ଖୋର୍ଦ୍ଧା ବିଧାୟକ ପ୍ରଶାନ୍ତ କୁମାର ଜଗଦ୍ଦେବ ପ୍ରମୁଖ ଉପସ୍ଥିତ ଥିଲେ।

## ସକାଳୁଆ ସ୍କୁଲ

**ଭଦ୍ରକ** ଜିଲ୍ଲାରେ ପ୍ରବଳ ଶୀତ ଯୋଗୁଁ ଶନିବାର ସକାଳୁଆ ସ୍କୁଲକୁ ବାତିଲ କରାଯାଇଛି। ପ୍ରଥମ ଶ୍ରେଣୀରୁ ଦ୍ୱାଦଶ ଶ୍ରେଣୀ ଯାଏଁ ଜିଲ୍ଲାର ସମସ୍ତ ସ୍କୁଲକୁ ଏହି ନିର୍ଦ୍ଦେଶ କାର୍ଯ୍ୟକାରୀ କରିବା ପାଇଁ ଜିଲ୍ଲାପାଳଙ୍କ ଅଫିସ ତରଫରୁ ଜାରି ନିର୍ଦ୍ଦେଶନାମାରେ କୁହାଯାଇଛି। ଫେବୃୟାରୀ ଦ୍ୱିତୀୟ ସପ୍ତାହ ଯାଏଁ ଏହି ନିର୍ଦ୍ଦେଶ ବଳବତ୍ତର ରହିବ।

## ସଡକ ସଚେତନତା

ସଡକ ସୁରକ୍ଷା ସଚେତନତା ସୃଷ୍ଟି ପାଇଁ ଆଜି ସକାଳେ **ଭଦ୍ରକ** ଜିଲ୍ଲାରେ ଏକ ସଡକ ସୁରକ୍ଷା ସଚେତନତା ବାଇକ ରାଲି ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାରେ ସଡକ ଦୁର୍ଘଟଣାକୁ ରୋକିବା ପାଇଁ ଯାନବାହାନର ଗତି ନିୟନ୍ତ୍ରଣ, ହେଲମେଟ୍, ସିଟ୍‌ବେଲ୍ଟର ବ୍ୟବହାର ଏବଂ ମଦ୍ୟପାନ ତଥା ମୋବାଇଲ

ବ୍ୟବହାର କରି ଗାଡ଼ି ନ ଚଳାଇବା ନେଇ ରାଲି ବାଧ୍ୟମରେ ସଚେତନତାର ବାର୍ତ୍ତା ଦିଆଯାଇଥିଲା । ଭଦ୍ରକ ଏସ୍.ପି. ମନୋଜ ରାଉତ  ପତାକା ଦେଖାଇ ବାଇକ୍ ଶୋଭାଯାତ୍ରା ଶୁଭାରମ୍ଭ କରିଥିଲେ ।

## ପେନ୍‌ସନ୍ ବୃଦ୍ଧି

**ନୂଆପଡ଼ା** ଜିଲ୍ଲା ଇପିଏଫ୍ ସଂଘ ପକ୍ଷରୁ ପେ୍ନ୍‌ସନ୍‌ଧାରୀଙ୍କ ପେନ୍‌ସନ ବୃଦ୍ଧି ନେଇ ଜିଲ୍ଲାପାଳଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି । ମାସିକ ପେନ୍‌ସନ୍ ୯ ହଜାର ଟଙ୍କାକୁ ବୃଦ୍ଧି କରିବା ଦାବି ନେଇ ଜିଲ୍ଲାପାଳଙ୍କୁ ପେନ୍‌ସନ୍‌ଭୋଗୀମାନେ ପୂର୍ବରୁ ଅବଗତ କରାଇଥିଲେ ।

## ଶୀତ ମହୋତ୍ସବ

**କନ୍ଧମାଳ** ଜିଲ୍ଲା ଦାରିଙ୍ଗିବାଡିରେ ଶୀତ ମହୋତ୍ସବକୁ ଜି.ଉଦୟଗିରି ବିଧାୟକ ପ୍ରଫୁଲ୍ଲ ପ୍ରଧାନ ଉଦ୍‌ଘାଟନ କରିଛନ୍ତି । ଆସନ୍ତା ରବିବାର ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ମହୋତ୍ସବରେ ଦାରିଙ୍ଗିବାଡି ସମେତ ରାଇକିଆ, ଉଦୟଗିରି, କ.ନୂଆଗାଁ, ବାଲିଗୁଡ଼ା ଅଞ୍ଚଳର ବିଭିନ୍ନ ଉତ୍ପାଦଗୁଡ଼ିକ ମେଳାରେ ପ୍ରଦର୍ଶିତ ହେଉଛି । ଜିଲ୍ଲା ମହୋତ୍ସବ ଓ ଦାରିଙ୍ଗିବାଡି ଶୀତ ମହୋତ୍ସବ ଏକା ସମୟରେ ଆୟୋଜନ ହୋଇଥିବାରୁ ଜିଲ୍ଲାବାସୀ ଖୁସି ପ୍ରକଟ କରିଛନ୍ତି ।

# ପାଣିପାଗ

ଦେଶର କେନ୍ଦ୍ରଭାଗରେ ଗୁରୁଚାପ ବଳୟ ସକ୍ରିୟ ଥିବାରୁ ଉତ୍ତର-ପଶ୍ଚିମ ଦିଗରୁ ଓଡ଼ିଶାକୁ ଥଣ୍ଡା ପବନ ପ୍ରବାହ କରୁଛି । ପାଣିପାଗ ବିଭାଗର ସୂଚନା ଅନୁସାରେ, ଆସନ୍ତା ଦୁଇସପ୍ତାହ ପର୍ଯ୍ୟନ୍ତ ରାଜ୍ୟରେ

ଶୀତର ପ୍ରଭାବ ଜାରି ରହିବ।  ଅଧିକ ଥଣ୍ଡାର ପ୍ରଭାବ ଆସନ୍ତା ରବିବାର ପର୍ଯ୍ୟନ୍ତ ରହିବ ବୋଲି ଅନୁମାନ କରାଯାଇଛି। ପଶ୍ଚିମାଝଡ଼ କିମ୍ୱା କୁହୁଡ଼ିର ପ୍ରଭାବ ନଥିବାରୁ ତାପମାତ୍ରା ହ୍ରାସ ପାଉଛି ବୋଲି ପାଣିପାଗ ବିଶେଷଜ୍ଞମାନେ ଅନୁମାନ କରିଛନ୍ତି। ପାଣିପାଗ ବିଭାଗର ସୂଚନା ଅନୁସାରେ, ସୁନ୍ଦରଗଡ଼, ଝାରସୁଗୁଡ଼ା ଓ ଅନୁଗୁଳ ଜିଲ୍ଲାରେ ଆସନ୍ତା ସୋମବାର ପର୍ଯ୍ୟନ୍ତ ଶୀତ ଲହରୀ ଜାରି ରହିବ।

୧୯୫୨ ମସିହା ପରଠାରୁ ଭୁବନେଶ୍ୱରରେ ସର୍ବନିମ୍ନ ୯ ଦଶମିକ ୪ ଓ କଟକ ସହରର ତାପମାତ୍ରା ସର୍ବନିମ୍ନ ୮ ଦଶମିକ ୬ ଡିଗ୍ରୀ ଗତକାଲି ରେକର୍ଡ କରାଯାଇଥିଲା।